# DAV PUBLIC SCHOOLS, BHUBANESWAR
## TERM – II EXAMINATION (2018-19)
## CLASS – IV
## SUBJECT : ଓଡ଼ିଆ

**Time : 2 Hours** **Full Marks : 50**

ସାଧାରଣ ନିର୍ଦ୍ଦେଶାବଳୀ :

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।
- ପ୍ରଶ୍ନ ପତ୍ରରେ ସମୁଦାୟ ୪ଟି ବିଭାଗ ଓ ୫ଟି ମୁଦ୍ରିତ ପ୍ରଶ୍ନ ରହିଛି ।
- ବିଭାଗର ନାମ ଲେଖିବା ସହିତ ବାମ ପାର୍ଶ୍ୱରେ ପ୍ରଶ୍ନଗୁଡ଼ିକର କ୍ରମିକ ସଂଖ୍ୟା ଲେଖ ।
- ସମସ୍ତ ଉତ୍ତର ଲେଖି ସାରିବା ପରେ ପୁନର୍ବାର ଯାଞ୍ଚକର ।

### 'କ'- ବିଭାଗ

୧. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୫×୧ =୫)

ଅନେକ ଦିନର କଥା । ଓଡ଼ିଶାରେ ରାଜାମାନଙ୍କର ଶାସନ ଚାଲିଥିଲା । ଢେଙ୍କାନାଳ ରାଜାଙ୍କର କଠୋର ଶାସନ ସହିତ ସେ ପାହାଡ଼ ଉପରେ ନିଜର ସୁନ୍ଦର କୋଠାବାଡ଼ି ତୋଳାଉଥିଲେ । ଏହି କାମରେ ପ୍ରଜାମାନଙ୍କୁ ଅଳ୍ପ ମଜୁରି ଦେଇ ପଶୁ ଭଳି ଖଟାଉଥିଲେ । ଯିଏ କାମକୁ ଯିବାକୁ ମନାକଲା, ତାକୁ ଧରିଆଣି କଠିନ ଦଣ୍ଡ ଦେଉଥିଲେ । ଇଂରେଜମାନେ ସେତେବେଳେ ଆମ ଦେଶରେ ଶାସନ କରୁଥିଲେ ଓ ସେଇମାନଙ୍କ ସାହସରେ ରାଜା ଏଭଳି ଅତ୍ୟାଚାର ଚଳାଇଥିଲେ । ଲୋକମାନେ ତାହା ସହି ନ ପାରି ରାଜା ଓ ଇଂରେଜମାନଙ୍କ ବିରୋଧରେ ଗୋଟିଏ 'ପ୍ରଜାମଣ୍ଡଳ ସମିତି' ଗଢ଼ି ଆନ୍ଦୋଳନ କଲେ । ଥରେ ଇଂରେଜ ପୁଲିସମାନେ ଭୁବନ ଗ୍ରାମର ଆନ୍ଦୋଳନକୁ ବିରୋଧ କରି ସନ୍ଧ୍ୟାବେଳେ ଫେରୁଥିବା ସମୟରେ ବାର ବର୍ଷର ବାଳକ ବାଜିରାଉତ ବ୍ରାହ୍ମଣୀ ନଦୀର ଘାଟଡଙ୍ଗା ଜଗିଥିଲା । ପୁଲିସମାନେ ତାକୁ ନଦୀ ପାର କରିଦେବାକୁ କହିବାରୁ, ପ୍ରଜାମଣ୍ଡଳର ଆଦେଶ ନ ଥିବାରୁ ସେମାନଙ୍କୁ ପାର କରିଦେବ ନାହିଁ ବୋଲି ସେ କହିଲା । ପୁଲିସମାନେ ତାକୁ ଧମକେଇଲେ ମଧ ସେ ନ ଡରି ଶେଷରେ ପୁଲିସମାନଙ୍କ ଗୁଳିରେ ଜୀବନ ଦେଲା ।

(କ) ବାଜିରାଉତ କେଉଁ ନଦୀର ଘାଟଡଙ୍ଗା ଜଗିଥିଲା ?

(ଖ) ରାଜାଙ୍କ ଅତ୍ୟାଚାର ବିରୁଦ୍ଧରେ ପ୍ରଜାମାନେ ଗଢ଼ିଥିବା ସମିତିର ନାମ କ'ଣ ଥିଲା ?

(ଗ) ଯେଉଁ ଲୋକ ରାଜାଙ୍କ କାମକୁ ଯାଉ ନଥିଲା, ତାକୁ କି ପ୍ରକାର ଦଣ୍ଡ ଦିଆ ଯାଉଥିଲା ?

(ଘ) ପୁଲିସମାନେ କାହିଁକି ବାଜିରାଉତଙ୍କୁ ଗୁଳି କରି ମାରିଦେଲେ ?

(ଙ) 'ରାଣୀ' ଶବ୍ଦର ଲିଙ୍ଗ ପରିବର୍ତ୍ତନ କର ।

### 'ଖ' ବିଭାଗ

୨. ଦରଖାସ୍ତ କିମ୍ବା ପତ୍ର ଲେଖ । (୧×୫=୫)

ତୁମ ଅଞ୍ଚଳର ରାସ୍ତା ମରାମତି କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଦରଖାସ୍ତ ଲେଖ ।

ତୁମେ ବୁଲି ଯାଇଥିବା ଏକ ଦର୍ଶନୀୟ ସ୍ଥାନ ବିଷୟରେ ବର୍ଣ୍ଣନା କରି ଜେଜେଙ୍କ ନିକଟକୁ ପତ୍ର ଲେଖ ।

## 'ଗ' ବିଭାଗ

୩. (କ) କ୍ରିୟା ପଦ ବାଛି ଲେଖ । (୩×୧ =୩)

i) ଘର କରିବାକୁ ସେ ଆମକୁ କାଠ ଯୋଗାଉଛି ।

ii) ମହୁମାଛି ଫୁଲରୁ ଫୁଲକୁ ଉଡ଼ି ମହୁ ସଂଗ୍ରହ କରୁଛି ।

iii) ଅଜା ଟିକିଏ ହସିଲେ ।

(ଖ) 'ଗୁଣୁଗୁଣୁ' ପରି ତିନୋଟି ଯୋଡ଼ା ଶବ୍ଦ ଲେଖ । (୩×୧ =୩)

(ଗ) ବିପରୀତ ଅର୍ଥବୋଧକ ଶବ୍ଦ ବାଛି ଲେଖ । (୩×୧ =୩)

i) ପରିଷ୍କାର - ( ନିର୍ମଳ, ସଫା, ଅପରିଷ୍କାର, ଆଲୋକିତ )

ii) ବାଳୁତ - ( ବୃଦ୍ଧ, ପିଲା, ଝିଅ, ପୁଅ )

iii) ସୁନ୍ଦର - ( ଭଲ, ଖରାପ, ମନଲୋଭା, ଅସୁନ୍ଦର )

(ଘ) ଏକପଦରେ ପ୍ରକାଶ କର । (୨×୧ =୨)

i) ରେଳଗାଡ଼ିରେ ଟିକେଟ୍ ଯାଞ୍ଚ କରୁଥିବା ଲୋକ

ii) ସମୁଦ୍ର ନିକଟବର୍ତ୍ତୀ ବାଲୁକାଶଯ୍ୟା

(ଙ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟ ରୂପ ଲେଖ । (୨×୧ =୨)

i) ବରତିବ ii) ନିରିମଳ

(ଚ) ନିମ୍ନଲିଖିତ ଶବ୍ଦଗୁଡ଼ିକର ରୂପ ପରିବର୍ତ୍ତନ କର । (୨×୧ =୨)

i) ପ୍ରକୃତି ii) ବାଷ୍ପ

## 'ଘ' ବିଭାଗ

୪. (କ) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟ ସ୍ଥାନ ପୂରଣ କର । (୩×୧ =୩)

i) ହେନ୍ତାଳ ଗଛର ଗଣ୍ଡି ଖୁବ୍ ________ । ( ଅସୁନ୍ଦର, ମଜବୁତ, ଦୁର୍ବଳ, ସୁନ୍ଦର )

ii) ଜିନିଷ ସାଇତି ରଖିବା ଗୋଟିଏ ________ କାମ ନୁହେଁ ।
( ଭଲ , ସଫଳ, ସହଜ, କଠିନ )

iii) ସରକାର ______ ମସିହାରେ ଭିତରକନିକାକୁ ଅଭୟାରଣ୍ୟ ରୂପେ ଘୋଷଣା କରିଥିଲେ ।
( ୧୯୭୩ , ୧୯୭୪ , ୧୯୭୫ , ୧୯୭୬ )

(ଖ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ । (୩×୧ =୩)

i) ସୁବିଶାଳ ii) ନିସାହା iii) ଆହାର

(ଗ) ବାକ୍ୟ ଗଠନ କର । (୩×୧ =୩)

i) ଦାୟିତ୍ୱ ii) ଗଛପତର iii) ନିରାପଦ

(ଘ) ଯୋଗ କର ।    (୬×୦.୫=୩)

| 'କ' | 'ଖ' |
|---|---|
| ଡାଏରୀ | ଶୁଆଶାରୀ |
| ପୋଷା | ପୁନେଇଁଜହ୍ନ |
| ମନଲୋଭା | ଦିନଲିପି |
| ସଂଗ୍ରହାଳୟ | ପଳାଶଫୁଲ |
| ମନୋହର | ମନ |
| ନିଆଶୀ | ଭୁବନେଶ୍ୱର |
| | ଛଳନା |

(ଙ) କବିତାଂଶଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।    (୩×୧ =୩)

ଖଣି ଖାଦାନ ଓ କେତେ ଯେ କେଜାଣି
ମାଟି ତାଡ଼ି ଦେଲେ ମିଳେ,
ଲୁହା ମାଙ୍ଗାନିଜ୍ ପେଟ୍ରୋଲ୍ କୋଇଲା
ସବୁ ଏଇ ମାଟିତଳେ
ଯାହା ଯେତେବେଳେ ଯିଏ ଖୋଜିଥାଏ
ତାହାକୁ ସେ ଯାଚି ଦିଏ
ସେନେହମୟୀ ସେ ମାଟି ମାଆ ପରି
ଆଉ ଜଣେ କାହିଁ କିଏ ?

i) ଲୁହା ମାଙ୍ଗାନିଜ୍ ପେଟ୍ରୋଲ୍ କୋଇଲା ଆମେ କେଉଁଠାରୁ ପାଉ ?

ii) ମାଟିକୁ ଆମେ ସ୍ନେହମୟୀ ବୋଲି କାହିଁକି କହିବା ?

iii) ଏଠାରେ 'ଖଣି ଖାଦାନ' ଶବ୍ଦର ଅର୍ଥ କ'ଣ ?

୫. (କ) ଯେ କୌଣସି ୪ଟି ପ୍ରଶ୍ନର ଉତ୍ତର ଦିଅ ।    (୪×୨ =୮)

i) ଦୁର୍ଲ୍ଲଭ ପଦାର୍ଥ ଆମେ କାହିଁକି ସଂଗ୍ରହ କରିବା ?

ii) ବଣ ଶୁଆଶାରୀ ଉଡ଼ିଗଲା ପରେ ସାଥୀ ମେଳରେ କ'ଣ କରୁଥିବେ ?

iii) ଜିଆ କିପରି କୃଷକର ବନ୍ଧୁ ?

iv) ମହୁମାଛି ଆମର କି ଉପକାର କରେ ?

v) ଭିତରକନିକାକୁ ମଟର ଲଞ୍ଚରେ ଗଲାବେଳେ କେଉଁ ଦୃଶ୍ୟ ଦେଖିବାକୁ ମିଳେ ?

vi) ମାଟିକୁ କବି ମାଆ ବୋଲି କହିବାର କାରଣ କ'ଣ ?

(ଖ) ଯେ କୌଣସି ଗୋଟିଏ ମୂଲ୍ୟବୋଧଭିତ୍ତିକ ପ୍ରଶ୍ନର ଉତ୍ତର ଲେଖ ।    (୧×୨ =୨)

"ମୋତେ ଅଳସୁଆ ହୋଇ ଘରେ ବସି ରହିବାକୁ ଭଲ ଲାଗେ ନାହିଁ ।" ଅଜାଙ୍କର ଏହି ଉକ୍ତିରୁ ତୁମେ କେଉଁ ଶିକ୍ଷା ଲାଭ କରୁଛ ?

କିମ୍ବା

ପିଲାଟି ରାସ୍ତା କଡ଼ରେ ଥୁଣ୍ଥୁଲା ବୁଢ଼ାଟିକୁ ଦେଖି ନିଜ ଦେହରୁ ଲାଲ ଶାଲଟିକୁ କାଢ଼ି ଘୋଡ଼ାଇଦେଲା କାହିଁକି ? ପିଲାଟିର ଏହି କାର୍ଯ୍ୟରୁ ତୁମେ କ'ଣ ଶିଖିଲ ?